इलेक्ट्रॉनिकी एवं सूचना प्रौद्योगिकी मंत्रालय
MINISTRY OF ELECTRONICS AND INFORMATION TECHNOLOGY

Digital India
Power To Empower

NIC एनआईसी National Informatics Centre

# Awareness Programme on "Nasha Mukta Bharat Abhiyan"







19th August 2026




National Informatics Centre
Odisha State Centre
Bhubaneswar

# AWARENESS PROGRAMME ON “NASHA MUKTA BHARAT ABHIYAN” AT NIC ODISHA

An awareness programme on “Nasha Mukta Bharat Abhiyan” was organised at the National Informatics Centre (NIC), Odisha State Centre, Bhubaneswar, with the objective of creating awareness about the harmful effects of substance abuse, promoting a healthy, positive and addiction-free lifestyle.

Rajyogini Brahma Kumari Leena delivered an insightful talk on “Nasha Mukta Yuva for Vikshit Bharat”, highlighting the importance of self-discipline, positive thinking, healthy lifestyle choices and collective efforts in addressing the issue of substance abuse among youth. She emphasised the need for greater awareness and individual responsibility towards building a healthy and addiction-free society.

The programme was attended by the State Informatics Officer (SIO), NIC Odisha, along with senior officers, officials and staff members of NIC Odisha. The participants actively engaged in the session and appreciated the valuable insights shared by Brahma Kumari Leena.

Brahma Kumari Leena Ji spoke about the need for parents to set a role model for their children. She also focused on the need for devotion towards god and systems of faith. She emphasized the importance of a spiritual journey for the soul. She conveyed that purity in thoughts and actions lead to transformation in the society. She spoke about the various reasons which are affecting the youth towards addiction and substance abuse.

The programme provided an opportunity for the officers and staff to reflect on the adverse impact of substance abuse on individuals, families and society, while reinforcing the importance of adopting positive habits and contributing towards the vision of a “Nasha Mukt” (addiction-free) society. The programme concluded with a note of appreciation to Rajyogini Brahma Kumari Leena for sharing her valuable thoughts and motivating the participants to contribute to the cause of an addiction-free and healthier society.






# AWARENESS PROGRAMME ON "NASHA MUKTA BHARAT ABHIYAN" AT NIC ODISHA














MINISTRY OF ELECTRONICS AND INFORMATION TECHNOLOGY | Digital India Power To Empower | एनआईसी National Informatics Centre

# AWARENESS PROGRAMME ON “NASHA MUKTA BHARAT ABHIYAN” AT NIC ODISHA

## PUBLISHED NEWS OF THE EVENT IN DIFFERENT NEWS PAPER

ସମାଜ

### ଏନ୍‌ଆଇସିରେ ନିଶାମୁକ୍ତ ଭାରତ ଅଭିଯାନ

ଭୁବନେଶ୍ୱର,୨୨।୮(ନି.ପ୍ର): ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଇନଫରମେଟିକ୍ସ ସେଣ୍ଟର (ଏନ୍‌ଆଇସି) ପରିସରରେ 'ନିଶା ମୁକ୍ତ ଭାରତ ଅଭିଯାନ' ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ କୁମାରୀ ଲୀନା ଯୋଗଦେଇ ଆତ୍ମସଂଜମତା, ସକାରାତ୍ମକ ଚିନ୍ତା ଓ ଶୃଙ୍ଖଳିତ ଜୀବନଶୈଳୀ ବଳରେ ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏକ ସୁସ୍ଥ ଏବଂ ନିଶାମୁକ୍ତ ସମାଜ ଗଠନ ଦିଗରେ ଅଧିକ ସଚେତନତା ଓ ବ୍ୟକ୍ତିଗତ ଦାୟିତ୍ୱବୋଧର ଆବଶ୍ୟକତାକୁ ସେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଏନ୍‌ଆଇସି ଓଡ଼ିଶାର କର୍ମଚାରୀମାନେ ଯୋଗଦେଇଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ଅଧିବେଶନରେ ଅଂଶଗ୍ରହଣ କରିବା ସହ ବ୍ରହ୍ମାକୁମାରୀ ଲୀନାଙ୍କ ଦ୍ୱାରା ପ୍ରଦତ୍ତ ଗଠନମୂଳକ ଚିନ୍ତାଧାରା ଓ ବାର୍ତ୍ତାକୁ ପ୍ରଶଂସା କରିଥିଲେ।




The Samaja, BHUBANESWAR Edition

ସମ୍ବାଦ

### ଏନ୍‌ଆଇସିରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨୦/୮(ଇମିସ): ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ରେ 'ନିଶାମୁକ୍ତ ଭାରତ ଅଭିଯାନ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଏହି କାର୍ଯକ୍ରମରେ ଯୋଗଦେଇଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବବର୍ଗ' ପ୍ରସଙ୍ଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିଶାସେବନର କୁପରିଣାମ ଉପରେ ବକ୍ତବ୍ୟ ରଖିବା ଛଳରେ ନିଶା ପରିତ୍ୟାଗ କରି ସକାରାତ୍ମକ ଚିନ୍ତାଧାରା ଓ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ଅଭିଭାବକ ଓ ପିଲାମାନେ ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରିବାକୁ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇସି ଓଡ଼ିଶାର ବରିଷ୍ଠ ଅଧିକାରୀ, କର୍ମଚାରୀ, ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବକ୍ତା, ଶ୍ରୋତା ନିଶା ନିବାରଣ ପାଇଁ ଶପଥପାଠ କରିଥିଲେ।

NEWS INSHOT

Home | News | National | City | World

Home » City »
NIC Bhubaneswar Hosts Awareness Session Under 'Nasha Mukt Bharat Abhiyaan'/"ନିଶା ମୁକ୍ତ ଯୁବା – ବିକଶିତ ଭାରତ": NIC ଓଡ଼ିଶାରେ ବିଶେଷ ସଚେତନତା ଶିବିର ଅନୁଷ୍ଠିତ

CITY

### NIC Bhubaneswar Hosts Awareness Session Under ‘Nasha Mukt Bharat Abhiyaan’/“ନିଶା ମୁକ୍ତ ଯୁବା – ବିକଶିତ ଭାରତ”: NIC ଓଡ଼ିଶାରେ ବିଶେଷ ସଚେତନତା ଶିବିର ଅନୁଷ୍ଠିତ




### NIC ଭୁବନେଶ୍ୱରରେ ‘ନିଶାମୁକ୍ତ ଭାରତ ଅଭିଯାନ’ ସଚେତନତା କାର୍ଯ୍ୟକ୍ରମ: ଯୁବପିଢ଼ିଙ୍କୁ ପ୍ରେରଣା ଦେଲେ ବ୍ରହ୍ମାକୁମାରୀ ଲୀନା

ଭୁବନେଶ୍ୱର (ବ୍ୟୁରୋ): ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ, ସକାରାତ୍ମକ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (NIC), ଭୁବନେଶ୍ୱର ଠାରେ 'ନିଶାମୁକ୍ତ ଭାରତ ଅଭିଯାନ' ସମ୍ପର୍କିତ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସଂଗଠନର ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ **"ନିଶା ମୁକ୍ତ ଯୁବା – ବିକଶିତ ଭାରତ"** ବିଷୟବସ୍ତୁ ଉପରେ ଏକ ଆଧ୍ୟାତ୍ମିକ ଓ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ନିଶା ସମସ୍ୟାର ମୁକାବିଲା ପାଇଁ ଆତ୍ମସଂଯମ, ସକାରାତ୍ମକ ଚିନ୍ତାଧାରା ଏବଂ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ସେ ବିଶେଷ ଆଲୋକପାତ କରିଥିଲେ।

**ଆଧ୍ୟାତ୍ମିକତା ଓ ପରିବାରର ଭୂମିକା ଉପରେ ଗୁରୁତ୍ୱ**

ନିଜ ବକ୍ତବ୍ୟରେ ବ୍ରହ୍ମାକୁମାରୀ ଲୀନାଜୀ କହିଥିଲେ ଯେ, "ଚିନ୍ତାଧାରା ଓ କାର୍ଯ୍ୟରେ ପବିତ୍ରତା ଆଣିବା ଦ୍ୱାରା ହିଁ ସମାଜରେ ପ୍ରକୃତ ପରିବର୍ତ୍ତନ ସମ୍ଭବ।" ଏଥିସହ ଅଭିଭାବକମାନେ ନିଜ ସନ୍ତାନଙ୍କ ପାଇଁ ଏକ ନିଶାମୁକ୍ତ ଓ ଆଦର୍ଶ ଉଦାହରଣ ସୃଷ୍ଟି କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଈଶ୍ୱରଙ୍କ ପ୍ରତି ବିଶ୍ୱାସ, ଚେତନାର ଆଧ୍ୟାତ୍ମିକ ଯାତ୍ରା ଏବଂ ଯୁବପିଢ଼ିଙ୍କୁ ନିଶା ଆଡ଼କୁ ଆକର୍ଷିତ କରୁଥିବା ବିଭିନ୍ନ କାରଣ ସମ୍ପର୍କରେ ସେ ଆଲୋଚନା କରିଥିଲେ।

**କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ**

ଏହି ଅଧିବେଶନରେ NIC ଓଡ଼ିଶାର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ (SIO)ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନରେ ବ୍ୟକ୍ତିଗତ ଦାୟିତ୍ୱବୋଧ ଓ ସକାରାତ୍ମକ ଅଭ୍ୟାସ ଆପଣାଇବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନାଜୀଙ୍କୁ ତାଙ୍କର ଏହି ମୂଲ୍ୟବାନ ଓ ପ୍ରେରଣାଦାୟୀ ବାର୍ତ୍ତା ପାଇଁ NIC ପକ୍ଷରୁ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ନିତିଦିନ NITIDIN

BHUBANESWAR - 22 Aug 2026 - Page 10

### ‘ନିଶାମୁକ୍ତ ଭାରତ ଅଭିଯାନ’ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୧।୮/ଏନ୍‌ଏନ୍‌ଏସ୍: ନିଶାସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ସୁସ୍ଥ, ସକାରାତ୍ମକ ଏବଂ ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି), ଭୁବନେଶ୍ୱରଠାରେ 'ନିଶାମୁକ୍ତ ଭାରତ ଅଭିଯାନ' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସଂଗଠନର ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା 'ନିଶାମୁକ୍ତ ଯୁବା – ବିକଶିତ ଭାରତ' ବିଷୟବସ୍ତୁ ଉପରେ ଏକ ଜ୍ଞାନବର୍ଦ୍ଧକ ଓ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବପିଢ଼ି ମଧ୍ୟରେ ନିଶାସେବନ ଜନିତ ସମସ୍ୟାର ମୁକାବିଲା ପାଇଁ ଆତ୍ମସଂଯମ, ସକାରାତ୍ମକ ଚିନ୍ତାଧାରା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏକ ସୁସ୍ଥ ଏବଂ ନିଶାମୁକ୍ତ ସମାଜ ଗଠନ ଦିଗରେ ଅଧିକ ସଚେତନତା ଓ ବ୍ୟକ୍ତିଗତ ଦାୟିତ୍ୱବୋଧର ଆବଶ୍ୟକତାକୁ ସେ ଗୁରୁତ୍ୱ ଦେଇଥିଲେ। ଏହାସହ ଅଭିଭାବକମାନେ ନିଜ ସନ୍ତାନମାନଙ୍କ ପାଇଁ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ବ୍ରହ୍ମାକୁମାରୀ ଲୀନା ପ୍ରକାଶ କରିଥିଲେ। ଈଶ୍ୱରଙ୍କ ପ୍ରତି ଭକ୍ତି, ଆସ୍ଥା, ଚେତନାର ଆଧ୍ୟାତ୍ମିକ ଯାତ୍ରା ଏବଂ ଚିନ୍ତାଧାରା ଓ କାର୍ଯ୍ୟରେ ପବିତ୍ରତା ସମାଜରେ ପରିବର୍ତ୍ତନ ଆଣିଥାଏ ବୋଲି ସେ ମତବ୍ୟକ୍ତ କରିବା ସହ ଯୁବପିଢ଼ିଙ୍କୁ ନିଶା ସେବନ ଆଡ଼କୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ (ଏସ୍‌ଆଇଓ)ଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଏନ୍‌ଆଇସି ଓଡ଼ିଶାର କର୍ମଚାରୀମାନେ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନିଶାସେବନ ଦ୍ୱାରା ବ୍ୟକ୍ତି, ପରିବାର ଏବଂ ସମାଜ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନାଙ୍କୁ ତାଙ୍କର ପ୍ରେରଣାଦାୟୀ ବାର୍ତ୍ତା ପାଇଁ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।




nicmeity

NICMeity

@NICIndia

https://odisha.nic.in

National Informatics Centre, Meity

/National Informatics Centre

National Informatics Centre, Odisha State Centre
Unit-IV, Sachivalaya Marg, Bhubaneswar-751001
Tel:+91-674-2508438, E-Mail : sio-ori@nic.in

एनआईसी
National Informatics Centre

भारत सरकार
GOVERNMENT OF INDIA

इलेक्ट्रॉनिक्स और सूचना प्रौद्योगिकी मंत्रालय
Ministry of Electronics and Information Technology